# ଗଞ୍ଜାମର ଗର୍ବ ବିରଳ କୃଷ୍ଣସାର ମୃଗ

ଗଞ୍ଜାମ ଜିଲା ଘୁମୁସର ବନଖଣ୍ଡ ଆସିକା ବନାଞ୍ଚଳ ଭେଟନଈ ଅଞ୍ଚଳ ବିରଳ କୃଷ୍ଣସାର ମୃଗ ପାଇଁ ରାଜ୍ୟ ତଥା ବାହାରେ ସ୍ୱତନ୍ତ୍ର ପରିଚୟ ରହିଛି। ରାଜସ୍ଥାନ ଯୋଧପୁର ଅଞ୍ଚଳରେ ଏହି ପ୍ରଜାତିର କୃଷ୍ଣସାର ଥିବା ବେଳେ ସଂଖ୍ୟାଧିକ ମୃଗଙ୍କ ବସତି ଏହି ଅଞ୍ଚଳରେ ରହିଛି । ଏହି ଜୀବ ଦଳବଦ୍ଧ ଭାବେ ବୁଦୁବୁଦିଆ, ଖୋଲା ଜଙ୍ଗଲ, ସବୁଜ ଶସ୍ୟ କ୍ଷେତ ଓ ଖୋଲାପଡିଆରେ ବାସ କରିବା ଲାଗି ପସନ୍ଦ କରନ୍ତି । ଏମାନେ ୧୦ରୁ ୧୫ ବର୍ଷ ବଞ୍ଚିଥାନ୍ତି। ଅଣ୍ଡିରା କୃଷ୍ଣସାର କଳାଧଳା ରଙ୍ଗ ଓ ମୁଣ୍ଡରେ ଶିଙ୍ଘ ଥିବା ବେଳେ ମାଈ କୃଷ୍ଣସାରର ଦୁଇ ଆଖି ତଳେ ଯୋଡା ଧଳା ଗାର ଏବଂ ପିଠି ଓ ଗୋଡ ମାଟିଆ ରଙ୍ଗର ହୋଇଥାଏ। ଏହି ଜୀବର ଦୈର୍ଘ୍ୟ ହାରାହାରି ପ୍ରାୟ ୧୨୫ ସେମି ଓ ଉଚ୍ଚତା ୭୫ ସେମି ରହିଥିବା ବେଳେ ଘଣ୍ଟା ପ୍ରତି ଧାବମାନ ବେଗ ପ୍ରାୟ ୬୦ କି.ମି. ରହିଥାଏ। ଅଣ୍ଡିରା ଓ ମାଈ କୃଷ୍ଣସାର ଡେଇଁ ଡେଇଁ ଯିବାକୁ ପସନ୍ଦ କରୁଥିଲା ବେଳେ ଗୋଟିଏ ଡିଆଁରେ ୨ ରୁ ୩ ମିଟର ଉଚ୍ଚ ଓ ୫ ରୁ ୬ ମିଟର ଦୂରକୁ ଡେଇଁଥାନ୍ତି। ତୃଣଭୋଜି ଏହି ଜୀବଙ୍କ ଖାଦ୍ୟ ସବୁଜ ଶ୍ୟାମଳ କୋମଳ ଓ ଶସ୍ୟ ଜାତୀୟ। ୧୦ରୁ ୧୫ ମୃଗଙ୍କୁ ନେଇ ଗଠିତ ମାଈ ଓ ଶିଶୁ କୃଷ୍ଣସାରଙ୍କ ମଧ୍ୟରେ ଗୋଟିଏ ଅଣ୍ଡିରା କୃଷ୍ଣସାର ଦଳପତି ହୋଇରହିଥାଏ ।

ଗୋଟିଏ ସ୍ଥାନରୁ ଅନ୍ୟ ଜାଗାକୁ ଗଲାବେଳେ ଅଣ୍ଡିରା କୃଷ୍ଣସାର ଏହି ଦଳକୁ ସୁରକ୍ଷା ଦେବାକୁ ପଛରେ ହିଁ ଯାଏ । ବିଭିନ୍ନ ସମୟରେ ଏହି ଦଳରେ ଅନ୍ୟ ପୁରୁଷ କୃଷ୍ଣସାରର ପ୍ରବେଶକୁ ତୀବ୍ର ବିରୋଧ କରି ଦଳପତି ଥିବା କୃଷ୍ଣସାର ଅନ୍ୟ କୃଷ୍ଣସାର ସହ ଲଢେଇ କରି ମାରିବାକୁ ଚେଷ୍ଟା କରିଥାଏ। ଚିତାବାଘ ପରେ କୃଷ୍ଣସାର ଦ୍ୱିତୀୟ ଦ୍ରୁତ ଧାବମାନ ବନ୍ୟ ପ୍ରାଣୀ ଭାବେ ପରିଚିତ। ଏକଦା ଆସିକା ବନାଞ୍ଚଳ ଭେଟନଈ ଅଞ୍ଚଳରେ ବାସ କରୁଥିବା ଏହି ଜୀବ ସଂଖ୍ୟା ବୃଦ୍ଧି ପରେ ଖାଦ୍ୟ ଅନ୍ୱେଷଣରେ ଯାଇ ପ୍ରଥମ ଅବସ୍ଥାରେ ବୁଗୁଡା ଓ ପୋଲସରା ବନାଞ୍ଚଳରେ ବସତି ସ୍ଥାପନ କରିଥିଲେ।

–ସୁରେନ୍ଦ୍ରନାଥ ସାହୁ, ଆସିକା


ଧାଡ଼ିବାନ୍ଧି ଯାଉଥିବା କୃଷ୍ଣସାର ମୃଗ।


ବ୍ରହ୍ମପୁର ସଂସ୍କରଣ
୧୯ତମ ସ୍ୱନକ୍ଷତ୍ର ଶୁଭେଚ୍ଛା
ବ୍ରହ୍ମପୁର ସହରର ବିକାଶଧାରାକୁ ବଢ଼ାଇବା ପାଇଁ ବିଜେଡିର ମେୟର ଓ କର୍ପୋରେଟର ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ନିର୍ବାଚିତ କରିବାକୁ ଅନୁରୋଧ ।
ସୁବାଷ ଚନ୍ଦ୍ର ମହାରଣା
ବିଜେଡି ରାଜ୍ୟ ସମ୍ପାଦକ ଓ ପୂର୍ବତନ ବିଡିଏ ଅଧ୍ୟକ୍ଷ, ବ୍ରହ୍ମପୁର

ଅଭିନନ୍ଦନ
ପାତ୍ରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା
ବୃନ୍ଦାବନ ପ୍ରଧାନ
ଏଲଆଇସି ଏଜେଣ୍ଟ, ଯୁବ ସ୍ୱେଚ୍ଛାସେବୀ,ଆୟପୁର

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ସମସ୍ତ ଜନସାଧାରଣ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ।
ସଂଜୀବ କୁମାର ଦାଶଶର୍ମା
ନିର୍ବାହୀ ଯନ୍ତ୍ରୀ, ବାଘଲଟି

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ତନୁଲତା ବିଷୋୟୀ
ସରପଞ୍ଚ, ସିଦ୍ଧନୟୀ ଗ୍ରା.ପ
ଆସିକା ବ୍ଲକ୍ (ଗଞ୍ଜାମ)

ଘୁ-ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବାଙ୍ଗୀନ ଉନ୍ନତି ପାଇଁ
ବିଜୁ ଜନତା ଦଳର
ଅଧ୍ୟକ୍ଷା ପ୍ରାର୍ଥୀ
ବିଜୁ ଜନତା ଦଳ
ଭାନୁପ୍ରଭା ମିଶ୍ରଙ୍କୁ
'ଶଙ୍ଖ' ଚିହ୍ନରେ ଭୋଟ୍ ଦେଇ ଜୟଯୁକ୍ତ କରାନ୍ତୁ ।

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀ ରାଜେଶ୍ କୁମାର ପଟ୍ଟନାୟକ
ବ୍ଲକ୍ ବିଜେଡି ସଭାପତି
ଆସିକା (ଗଞ୍ଜାମ)

ଅଭିନନ୍ଦନ
ଧରିତ୍ରୀ ଜନ୍ମବାର୍ଷିକୀ ଅବସରରେ ଜନସାଧାରଣ ଓ ସମସ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ।
ନିଶାମଣି ପ୍ରଧାନ
ଗଞ୍ଜାମ ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ କୋଷାଧ୍ୟକ୍ଷ
ଜରଡା ତାଲୁକା ପ୍ରଧାନ ସମାଜ ସମ୍ପାଦକ

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ଅନିମା ପରିଡ଼ା
ଜିଲ୍ଲାପରିଷଦ ସଦସ୍ୟା, ଜୋନ୍ ୨
ଆସିକା ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ସାମନ୍ତରାପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ।
ପ୍ରତିମା ପ୍ରଧାନ
ସରପଞ୍ଚ, ସାମନ୍ତରାପୁର ପଞ୍ଚାୟତ

ଅଭିନନ୍ଦନ
ସମସ୍ତ ବସ, ଟ୍ରେକର ଓ ଟ୍ରାକ୍ଟର ମାଲିକ ସଂଘ କର୍ମଚାରୀଙ୍କୁ ଧରିତ୍ରୀ ଜନ୍ମବାର୍ଷିକୀ ଅବସରରେ ଅଭିନନ୍ଦନ ।
ସୁରେଶ ଚନ୍ଦ୍ର ଦ୍ୟାନ ସାମନ୍ତରା
ପେଟ୍ରୋଲ ଟ୍ୟାଙ୍କ,ସାମନ୍ତିଆପଲ୍ଲୀ

ଜନସାଧାରଣଙ୍କୁ ଆମର ନିବେଦନ
ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ
ଜଙ୍ଗଲର ସୁରକ୍ଷା ସାଙ୍ଗକୁ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହୁଅନ୍ତୁ ।
ଜଙ୍ଗଲ ସୁରକ୍ଷିତ ରହିଲେ, ପରିବେଶ ସୁରକ୍ଷିତ ରହିବ ।
ବନାଞ୍ଚଳ ଅଧିକାରୀ, ଆସିକା (ଗଞ୍ଜାମ)

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଘୁମୁସର ଜିଲ୍ଲାର ମୋର ପ୍ରିୟ ବାପା, ମାଆ, ଭାଇ, ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ପ୍ରମୋଦ କୁମାର ପଣ୍ଡା
ସଭାପତି, ଭାଜପା ଯୁବମୋର୍ଚ୍ଚା
ଘୁମୁସର ଜିଲ୍ଲା

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଆୟପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।
ସୁଲୋଚନା ପ୍ରଧାନ
ସମିତିସଭ୍ୟା, ଆୟପୁର ପଞ୍ଚାୟତ

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀ ଭଗବାନ ସାହୁ
ବରିଷ୍ଠ ବିଜେଡି ନେତା
ଆସିକା (ଗଞ୍ଜାମ)

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ଜ୍ୟୋତିର୍ମୟୀ ନାହାକ
ସରପଞ୍ଚ, ଆଳିପୁର ଗ୍ରା.ପ
ଆସିକା ବ୍ଲକ୍ (ଗଞ୍ଜାମ)

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀ ବି. ମନୋଜ କୁମାର ଦୋରା
ଜିଲ୍ଲାପରିଷଦ ସଦସ୍ୟ, ଜୋନ୍ ୩
ଆସିକା ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଧରିତ୍ରୀ ଜନ୍ମବାର୍ଷିକୀ ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ।
ଗୁଡୁ ପ୍ରଧାନ
ଗଞ୍ଜାମ ଜିଲ୍ଲା ସିଆରସିସି ସଂଘ ସଭାପତି

On the birth anniversary of "DHARITRI" Berhampur Edition
With best compliments from :
SRI SUJIT KUMAR LUGUN
Asst. Executive Engineer, R.W.S.S.
Aska (Ganjam)

On the birth anniversary of "DHARITRI" Berhampur Edition
With best compliments from :
SRI PRASANT KUMAR SAHU
Inspector in-charge
Aadarsh Police Station, Aska

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀମତୀ ଭାରତୀ ମହାପାତ୍ର
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆସିକା

ଅଭିନନ୍ଦନ
ଚିକିଟି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ମୀନା ଦ୍ୟାନ ସାମନ୍ତରା ମନରଞ୍ଜନ ଦ୍ୟାନ ସାମନ୍ତରା
ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ପାତ୍ରପୁର

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ତନ୍ମୟୀ ନାହାକ
ଜିଲ୍ଲାପରିଷଦ ସଦସ୍ୟା, ଜୋନ୍ ୧
ଆସିକା ବ୍ଲକ୍ (ଗଞ୍ଜାମ)

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ସୌଦାମିନି ନାୟକ
ଜିଲ୍ଲାପରିଷଦ ସଦସ୍ୟା, ଜୋନ୍ ୪
ଆସିକା ବ୍ଲକ୍ (ଗଞ୍ଜାମ)

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ମୋର ପ୍ରିୟ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀ ଦେବରାଜ ମହାନ୍ତି
ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା
ଆସିକା (ଗଞ୍ଜାମ)

# ୪୧ ୱାର୍ଡରେ ବିଜେଡି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

**ଗଞ୍ଜାମ ଜିଲ୍ଲା**

ଛତ୍ରପୁର,୧୭।୩(ଡି.ଏନ୍.ଏ.)-ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ନିଗମର ୪୨ଟି ୱାର୍ଡ ଓ ଅନ୍ୟ ୧୭ ସହରାଞ୍ଚଳରେ ୨୪୦ ଏପରି ମୋଟ ୨୮୨ ୱାର୍ଡରେ ଭୋଟ ଗ୍ରହଣ ପାଇଁ ୫୨୭ଟି ବୁଥ୍ ଗଠନ ହୋଇଛି । ମୋଟ ୱାର୍ଡ ମଧ୍ୟରୁ ୪୧ଟି ୱାର୍ଡରେ ଜଣେ ଲେଖାଏ ପ୍ରାର୍ଥୀ ଥିବାରୁ ସେଠାରେ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସମସ୍ତେ ବିଜେଡି ପ୍ରାର୍ଥୀ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏସବୁ ୱାର୍ଡର ଭୋଟରମାନେ କେବଳ ମେୟର ପ୍ରାର୍ଥୀଙ୍କୁ ଭୋଟ ଦେବେ । ମିଳିଥିବା ସୂଚନା ଅନୁସାରେ ବ୍ରହ୍ମପୁର ମହାନଗର ନିଗମ, ଆସିକା ଏନଏସି ଓ କବିସୂର୍ଯ୍ୟନଗର ଏନଏସିରେ ୩ଟି ଲେଖାଏ ୱାର୍ଡରେ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବାବେଳେ ବେଲଗୁଣ୍ଠା ଏନ୍ଏସିରେ ୯, ଭଞ୍ଜନଗର ଏନ୍ଏସିରେ ୬, ବୁଗୁଡା, ଛତ୍ରପୁର, ଗଞ୍ଜାମ, ଗୋପାଳପୁର ଓ କୋଦଳା ଏନଏସିରେ ଗୋଟିଏ ଲେଖାଏ, ଚିକିଟି ଏନ୍ଏସିରେ ୫ ଏବଂ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିର ୭ଟି ୱାର୍ଡରେ ବିଜେଡି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହଛନ୍ତି।

## ବ୍ରହ୍ମପୁରରେ ୧୫୫ ବୁଥ୍ ସମ୍ବେଦନଶୀଳ

ବ୍ରହ୍ମପୁର ମହାନଗର ନିଗମର ୨୫୦ ବୁଥ୍ ମଧ୍ୟରୁ ୧୫୫ଟି ବୁଥ୍ ସମ୍ବେଦନଶୀଳ ରହିଥିବା ପ୍ରଶାସନ ଚିହ୍ନଟ କରିଛି । ସେହିପରି ଗଞ୍ଜାମ ଏନ୍ଏସିର ୬ ନଂ. ଓ ଖଲ୍ଲିକୋଟ ଏନଏସିର ୫ ଓ ୧୧ନଂ., ପୁରୁଷୋତ୍ତମପୁର ଏନଏସିର ୧ ଓ ୧୫ ନଂ. ବ୍ୟତୀତ ସମସ୍ତ ବୁଥ୍ ସମ୍ବେଦନଶୀଳ ରହିଛି । ଆସିକାର ୨ରୁ ୬, ୮,୯, ୧୪ରୁ ୧୬, ୧୮,୧୯,୨୧ ନମ୍ବର ବୁଥ୍ ସମ୍ବେଦନଶୀଳ ରହିଥିବାବେଳେ ଭଞ୍ଜନଗରର ୫, ୭, ୮,୯,୧୪ରୁ ୧୬, ୧୮,୧୯,୨୧ ନଂ., ବୁଗୁଡାର ୨, ଛତ୍ରପୁରର ୮, ୯, ଚିକିଟିର ୪, ୬, ୧୦, ଦିଗପହଣ୍ଡିର ୫, ଗୋପାଳପୁର ଏନଏସିର ୧, ୨, ୩, ୫, ୮, ୯, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିର ୨ନଂ. ବ୍ୟତୀତ ୧ରୁ ୫, ୧୨,୧୬, ୨୦ରୁ ୨୩, କବିସୂର୍ଯ୍ୟନଗରର ୪, ୮, ପୋଲସରାର ୧,୨,୩,୧୩, ୧୪,୧୮,୧୯ ଏବଂ ସୋରଡା ଏନଏସିର୨, ୩, ୬, ୮, ୧୧, ୧୩ ନମ୍ବର ବୁଥ୍ ସମ୍ବେଦନଶୀଳ ଥିବା ଚିହ୍ନଟ ହୋଇଛି। ଅପରପକ୍ଷରେ ରମ୍ଭା, କୋଦଳା ଓ ବେଲଗୁଣ୍ଠା ଏନଏସିର କୌଣସି ବୁଥ୍ ସମ୍ବେଦନଶୀଳ ନୁହେଁ ବୋଲି ଜଣାପଡ଼ିଛି।

## ୨୪ ପିଙ୍କ୍ ବୁଥ୍‌ରେ ମହିଳା ପୋଲିଂ ଅଫିସର

ଚଳିତ ଥର ହେବାକୁ ଥିବା ସହରାଞ୍ଚଳ ନିର୍ବାଚନରେ ଭୋଟ ଗ୍ରହଣ ଲାଗି ପିଙ୍କ୍ ବୁଥ୍‌ର ବ୍ୟବସ୍ଥା ହୋଇଛି । ଉକ୍ତ ବୁଥ୍‌ରେ ସମସ୍ତ ପୋଲିଂ ଅଧିକାରୀ ମହିଳା ରହିବେ । ବ୍ରହ୍ମପୁର ମହାନଗର ନିଗମର ୫ ଟି , ହିଞ୍ଜିଳିକାଟୁ ମ୍ୟୁନିସିପାଲଟିରେ ୩ଟି ପିଙ୍କ୍ ବୁଥ୍ ରହିବ । ସେହିପରି ସମସ୍ତ ୧୬ ଏନଏସିରେ ଗୋଟିଏ ଲେଖାଏ ପିଙ୍କ୍ ବୁଥ୍ ରହିବ ବୋଲି ସୂଚନା ଦିଆଯାଇଛି । ବ୍ରହ୍ମପୁର ମହାନଗର ନିଗମରେ ୨ ଲକ୍ଷ ୫୫ ହଜାର ୩୨୬ ଭୋଟର ରହିଥିବାବେଳେ ଅନ୍ୟ ୧୭ ସହରାଞ୍ଚଳରେ ୨ ଲକ୍ଷ ୨୫ ହଜାର ୭୪୪ ଜଣ ଭୋଟର ରହିଛନ୍ତି। ଚଳିତ ମାସ ୨୪ ତାରିଖରେ ଭୋଟ ଗ୍ରହଣ ହେବ ।

## ଗଞ୍ଜେଇ ଚାଲାଣ ମାମଲା, ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୧୭।୩**

ଗଞ୍ଜେଇ ଚାଲାଣ ମାମଲାର ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ଅଭିଯୁକ୍ତ ହେଲେ ଦିଗପହଣ୍ଡି ଥାନା ଛଣମେରୀର ଶିବ ରାଉଳ। ୨୦୨୧ରେ ତତ୍କାଳୀନ ଜିଲା ଜଜ୍ ତାଙ୍କ ଜାମିନ ଖାରଜ କରିଥିଲେ। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଶିବଙ୍କ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଜାମିନ ଦେଇଛନ୍ତି। ଜାମିନ କାଗଜପତ୍ର ମୁଦାଲାଙ୍କ ଓକିଲ ରଘୁନାଥ ପ୍ରାସଦ ପାଣିଗ୍ରାହୀ ଏଡିଜେ-୨ ରାଜଶ୍ରୀ ମହାପାତ୍ରଙ୍କ କୋର୍ଟରେ ଦାଖଲ କରିଛନ୍ତି। ଦିଗପହଣ୍ଡି ପୋଲିସ ଗତ ଅଗଷ୍ଟ ୬ରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ଏକ ଟ୍ରାକ୍ଟରରୁ ୨୩୧ କେଜି ଗଞ୍ଜେଇ ଜବତ କରିଥିଲା। ଏଥିରେ ଶିବଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ଢାବା ଭଲିବଲ ଟୁର୍ନାମେଣ୍ଟ

**ବ୍ରହ୍ମପୁର ଅଫିସ,୧୭।୩**

ବ୍ରହ୍ମପୁର ୟଙ୍ଗ ମ୍ୟାନ୍ସ ଖ୍ରୀଷ୍ଟିୟାନ ଆସୋସିଏଶନ ପକ୍ଷରୁ ଆନ୍ତଃ ଚର୍ଚ୍ଚସ୍ତରୀୟ ଢାବା ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଉଦଘାଟିତ ହୋଇଛି। ମିଶନ ରାଣୀ ଚର୍ଚ୍ଚର ଫାଦର ସଞ୍ଜୀବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ ତିମୋଡ଼ ପ୍ରଧାନ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ସେଣ୍ଟ ଭିଣ୍ଟସେଣ୍ଟକ୍ୱାସ ପ୍ୟାରିସ ଚର୍ଚ୍ଚ ଓ ଗୋପାଳପୁର ଓ.ସି.ଟି.ସି ଚର୍ଚ୍ଚ ଏବଂ ଦ୍ୱିତୀୟ ମ୍ୟାଚ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ଓ ଖ୍ରୀଷ୍ଟିଆନ ହସ୍ପିଟାଲ ମଧ୍ୟରେ ହୋଇଥିଲା। ୟଙ୍ଗ ମ୍ୟାନ୍ସ ଖ୍ରୀଷ୍ଟିୟାନ ଆସୋସିଏଶନର ସଭାପତି ସାମସନ ଦାସ, ଉପସଭାପତି ଯୋଶେଫ ଦାସ, ସମ୍ପାଦକ ଏଶ୍ୱର୍ଯ୍ୟ ପାତ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।




ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ୧୯ତମ ବାର୍ଷିକୋତ୍ସବ ଅବସରରେ ଗୁରୁବାର ବ୍ରହ୍ମପୁର କାର୍ଯ୍ୟାଳୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଖବରଦାତା ଏବଂ ବିତରକମାନେ।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

### ବଳାତ୍କାର ମାମଲା

ବ୍ରହ୍ମପୁର ଅଫିସ,୧୭।୩:ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକ୍ସୋ ଜଜ୍ ଗୁରୁ ପ୍ରସାଦ ସାହୁ ଏକ ବଳାତ୍କାର ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ରମ୍ଭା ଅଞ୍ଚଳର ଅଭିଯୁକ୍ତ ଧୀରେନ୍ଦ୍ର ନାହାକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଧୀରେନ୍ଦ୍ର ୨୦୧୫ ଅକ୍ଟୋବର ୧୦ରେ ତାଙ୍କ ଗାଁର ୩ ବର୍ଷୀୟା ଏକ ଶିଶୁକନ୍ୟାକୁ ବିଦ୍ୟାଳୟ ନିକଟକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୪/୧୫ ରେ ଏକ ମାମଲା ରୁଜୁ କରି ଧୀରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଅଭିଯୁକ୍ତଙ୍କୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନରେଶ ପାତ୍ର, ମୁଦାଲାଙ୍କ ପକ୍ଷରୁ ବିରେନ କୁମାର ପଟ୍ଟନାୟକ ଓ ଅନୋଜ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।




## କଂଗ୍ରେସ ମେୟର ପ୍ରାର୍ଥୀଙ୍କ ରୋଡ୍ ଶୋ

**ବ୍ରହ୍ମପୁର ଅଫିସ,୧୭।୩**

ବ୍ରହ୍ମପୁର ପୌର ନିର୍ବାଚନର କଂଗ୍ରେସ ମେୟର ପ୍ରାର୍ଥୀ ମଞ୍ଜୁ ରଥ ଗୁରୁବାର ବିଭିନ୍ନ ୱାର୍ଡରେ ପ୍ରଚାର କରିଥିଲେ। ୧୭ନଂ ୱାର୍ଡର ଦଳୀୟ କର୍ପୋରେଟର ପ୍ରାର୍ଥୀଙ୍କ ସହ ରମ୍ଭା ସାହି, ବାଙ୍କ ବିହାରୀନଗର, ଲୋଚାପଡ଼ା ବ୍ୟାଙ୍କ କଲୋନୀ, ଭବାନୀ ନଗର ବାସିନ୍ଦାଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ସେହିପରି ୩୯ନଂ ୱାର୍ଡ ଶିଳ୍ପାଞ୍ଚଳ, ଜଳେଶ୍ୱରଖଣ୍ଡି ଏବଂ ୪୨ନଂ ୱାର୍ଡର ଆମ୍ବପୁଆ, ଶ୍ରୀହର୍ଷବିହାର, ଡିଫେନ୍ସ କଲୋନୀରେ କର୍ପୋରେଟର ପ୍ରାର୍ଥୀଙ୍କ ସହ ନିର୍ବାଚନୀ ପ୍ରଚାର କରିଥିଲେ। ବିଭିନ୍ନ ଛକରେ ହୋଇଥିବା ପଥପ୍ରାନ୍ତ ସଭାରେ ମଞ୍ଜୁ ଭାଷଣ ପ୍ରସଙ୍ଗରେ ମହାନଗରବାସୀଙ୍କ ମୌଳିକ ସମସ୍ୟା ସମାଧାନରେ ବିଜେଡି ସରକାର ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ଦେଢ଼ ଶହ ବର୍ଷର ବ୍ରହ୍ମପୁର ପୌର ସଂସ୍ଥା ଶତାଧିକ ବର୍ଷ କଂଗ୍ରେସ ଦଖଲରେ ଥିଲା ଓ ସେହି ସମୟରେ ଅନେକ ବିକାଶ ହୋଇଥିଲା। ପୌର (ମ୍ୟୁନିସିପାଲ କର୍ପୋରେସନ) ନିଗମ ହେବାର ୧୪ ବର୍ଷ ପୂରିଛି ଓ ଏହି ସମୟ ମଧ୍ୟରେ ରେଶମ ନଗରୀର ବିକାଶ ଆଖିଦୃଶିଆ ହୋଇ ନ ଥିବା କଟାକ୍ଷ କରିଥିଲେ। ପୌର ଶାସନ କଂଗ୍ରେସ ହାତକୁ ଗଲେ ବହୁମୁଖୀ ଉନ୍ନତି କରାଯିବାର ମଞ୍ଜୁ ପ୍ରତିଶ୍ରୁତି ଦେଇଥିଲେ।

## ବିଜେଡି ମେୟର ପ୍ରାର୍ଥିନୀଙ୍କ ପ୍ରଚାର

**ବ୍ରହ୍ମପୁର ଅଫିସ,୧୭।୩**

ବ୍ରହ୍ମପୁର ମହାନଗର ୩୨ନଂ ୱାର୍ଡରେ ବିଜେଡି ମେୟର ପ୍ରାର୍ଥିନୀ ସଂଘମିତ୍ରା ଦଳାଇ ରୋଡ ଶୋ'କରିବା ସହ ଭୋଟଭିକ୍ଷା କରିଛନ୍ତି। ସୂଚନାଯୋଗ୍ୟ, ଏହି ୱାର୍ଡର କର୍ପୋରେଟର ପ୍ରାର୍ଥୀ ସୁରେନ୍ଦ୍ର ମହାରଣା ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ତାଙ୍କ ସଂଯୋଜନାରେ ଅଞ୍ଚଳର ବୈଦ୍ୟନାଥେଶ୍ୱର ପୀଠ ନିକଟରୁ ପ୍ରଚାର ଆରମ୍ଭ ହୋଇଥିଲା। ବିଧାୟକ ବିକ୍ରମ ପଣ୍ଡା, ଏମପି ଚନ୍ଦ୍ରଶେଖର ସାହୁ, ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ରୋଡ ଶୋରେ ଯୋଗ ଦେଇଥିଲେ। ପଡ଼ିଆସାହି, କମାପଲୀ, ଗୋଇଲୁଣ୍ଡି ରୋଡ, ଅଶୋକ ନଗର ସମେତ ସବୁ ସାହିରେ ମେୟର ପ୍ରାର୍ଥିନୀ ଓ ନେତାମାନେ ବୁଲି ଭୋଟ ଭିକ୍ଷା କରିଥିଲେ।




## ଆକ୍ରମଣ ଅଭିଯୋଗରେ ୨ ଗିରଫ

**ବ୍ରହ୍ମପୁର ଅଫିସ,୧୭।୩**

ଜଣେ ଅମିନଙ୍କୁ ବଟି ମାଗିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ୨ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆ ଯୋଗୀଆପଲ୍ଲୀର ଅରୁଣ ଦାସ ଓ ମନୋଜ ଦାସ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ କାଠ ଫାଳିଆ ଜବତ କରିଛି। ମାମଲା ନଂ.୧୧୧/୨୨ରେ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସଦର ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମର ବାବୁଲା ନାୟକ ବ୍ରହ୍ମପୁର ତହସିଲ ଅଧିନସ୍ଥ ଆମ୍ବାରୋଡ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅମିନ ଭାବେ କାମ କରନ୍ତି। ଗତ ୧୫ ତାରିଖ ସନ୍ଧ୍ୟାରେ ସେ କାମ ସାରି ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇଥିଲେ। ସେଠାରୁ ରାତିରେ ବାଇକରେ ଘରକୁ ଫେରୁଥିବା ବେଳେ ଯୋଗୀଆପଲ୍ଲୀ ଛକରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଅଟକାଇ ୧୦ ହଜାର ଟଙ୍କା ବଟି ମାଗିଥିଲେ। ବାବୁଲା ଏହାର ପ୍ରତିବାଦ କରିବାରୁ ସେମାନେ ଏକ କାଠ ଫାଳିଆରେ ମୁଣ୍ଡକୁ ପିଟିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

## ଲାଞ୍ଚ ମାମଲା: ୨ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୧୭।୩**

ଲାଞ୍ଚ ମାମଲାରେ ଗିରଫ ହୋଇ ଜେଲରେ ଥିବା ଗଜପତି ଜିଲା ନୂଆଗଡ ବ୍ଲକ ଶିକ୍ଷାଧିକାରୀ ବ୍ରଜ କୁମାର ନାୟକ ଓ ଡାଟା ଏଣ୍ଟ୍ରି ଅପରେଟର ଦିଲୀପ କୁମାର ସ୍ୱାଇଁଙ୍କୁ ଜାମିନ ମିଳିଛି। ପୂର୍ବରୁ ଉଭୟଙ୍କ ଜାମିନ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଲୁନା ମହାନ୍ତି ଖାରଜ କରିଦେଇଥିଲେ। ପରେ ସେମାନଙ୍କ ଓକିଲ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଅଭିଯୁକ୍ତଦ୍ୱୟଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ . ଗଜପତି ଜିଲା ନୂଆଗଡ ବ୍ଲକ ସମ୍ବଲପୁର ଉନ୍ନିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାୟକ ୨୦୨୦ ନଭେମ୍ବରରୁ ୨୦୨୧ ଅକ୍ଟୋବର ପର୍ଯ୍ୟନ୍ତ କୌଣସି କାରଣରୁ ଦରମା ପାଇନଥିଲେ। ଉକ୍ତ ବକେୟା ଦରମା ବିଲ ପାସ ପାଇଁ ବିଇଓଙ୍କୁ କହିବାରୁ ସେ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଭିଜିଲାନ୍ସକୁ ଜଣାଇ ଗତ ଫେବୃଆରୀ ୧୧ତାରିଖରେ ଶିକ୍ଷକ ଜଣକ ବିଇଓଙ୍କ କାର୍ଯ୍ୟାଳୟକୁ ୩୦ହଜାର ଟଙ୍କା ଦେଇଥିଲେ। ବିଇଓ ଉକ୍ତ ଟଙ୍କା କାର୍ଯ୍ୟାଳୟରେ ଥିବା ଡାଟା ଏଣ୍ଟ୍ରି ଅପରେଟର ଦିଲୀପଙ୍କୁ ରଖିବାକୁ କହିଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ ଚଢ଼ାଉ କରି ଉଭୟ ବିଇଓ ଓ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଗିରଫ କରିଥିଲା। ସେବେଠାରୁ ଅଭିଯୁକ୍ତଦ୍ୱୟ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ।




# ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ଗଣେଶଙ୍କ ମା'

**ଗୋଲନ୍ଥରା ହାଜତ ମୃତ୍ୟୁ ଘଟଣା**

ଗୋପାଳପୁର,୧୭।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଗୋଲନ୍ଥରା ଥାନା ହାଜତରେ ଗତ ଗତ ମେ ୩ ତାରିଖରେ ଗଣେଶ ଡାକୁଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ନ୍ୟାୟ ନ ମିଳିବାରୁ ଗଣେଶଙ୍କ ମା' ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁଅ ମୃତ୍ୟୁ ନେଇ ନଂ. ୩୩୨/୨୧ ଅନୁଯାୟୀ ତତ୍କାଳୀନ ଥାନାଧିକାରୀ ବାବୁଲି ନାୟକ, ତତ୍କାଳୀନ ଏଏସଆଇ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, କନେଷ୍ଟବଳ ଦିପ୍ତୀ ପ୍ରକାଶ ଜେନା, ପୂର୍ବତନ ଉପାଧ୍ୟକ୍ଷ ଅଜିତ କୁମାର ଦାଶ ଓ ତାଙ୍କ ଭାଇ ଅମିତ କୁମାର ଦାଶଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲେ ମଧ୍ୟ କେହି ଗିରଫ ହୋଇନଥିବା ଗଣେଶଙ୍କ ମା' ଶୋଭା ଡାକୁଆ ଅଭିଯୋଗ କରିଛନ୍ତି। ଅବହେଳା ପାଇଁ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଉକ୍ତ ମାମଲାର ସିବିଆଇକୁ ହସ୍ତାନ୍ତର ପାଇଁ ଶୋଭା ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସିଆରଏଲଏମପି ନଂ ୪୬୧/୨୦୨୨ ମାମଲା ରୁଜୁ ହୋଇଛି। ସୂଚନାଥାଉକି, ଗତବର୍ଷ ମେ ୩ରେ ଗୋଲନ୍ଥରା ଥାନା ରଙ୍ଗିପୁରର ଗଣେଶ ଡାକୁଆଙ୍କ କୌଣସି ବିଷୟକୁ ନେଇ ଇଟାଭାଟିରେ ଝଗଡ଼ା ହୋଇଥିଲା। ପୋଲିସ ପହଞ୍ଚି ଗଣେଶଙ୍କୁ ଥାନାକୁ ନେଇଥିଲା। ସନ୍ଧ୍ୟାରେ ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପୋଲିସ ତରବରିଆ ଭାବେ ରାତିରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା। ମା' ଶୋଭା ତାଙ୍କ ପୁଅକୁ ପୋଲିସ ଓ ଗ୍ରାମର ଅଜିତ ଦାଶ ଓ ଅମିତ ଦାଶ ପିଟି ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କୌଣସି ମାମଲା ରୁଜୁ କରିନଥିଲା। ଗତ ନଭେମ୍ବର ୧୨ରେ ଶୋଭା ନ୍ୟାୟ ପାଇଁ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଏକ ଜଣିଆ ବେଞ୍ଚ ଅଭିଯୋଗ ସମ୍ପର୍କରେ ଜାଣିବା ପାଇଁ ଗୃହ ବିଭାଗ ସଚିବ, ବ୍ରହ୍ମପୁର ଏସ୍‌ପି ଓ ଗୋଲନ୍ଥରା ଥାନାଧିକାରୀଙ୍କୁ ନୋଟିସ ଜାରି କରିଥିଲେ। ନଭେମ୍ବର ୨୭ରେ ଉପରୋକ୍ତ ୫ ଜଣଙ୍କ ନାମରେ ମାମଲା ହୋଇଥିଲା।

